# NATIONAL NEWS BULLETIN (ODIA)

**14 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆଜି ଡକ୍ଟର ଆମ୍ବେଦକରଙ୍କ ୧୩୪ ଜୟନ୍ତୀ ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

- ଆଗାମୀ ଲୋକସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ 'ସଂକଳ୍ପ ପତ୍ର' ନାମକ ଇସ୍ତାହାର ଜାରି କରାଯାଇଛି ।

- ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ଏବଂ ଭାରତୀୟ ସେନା ପକ୍ଷରୁ ମାନବ ପୋର୍ଟେବଲ ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲ ୱିପନ୍ ସିଷ୍ଟମ୍‌ର ସଫଳ ପରୀକ୍ଷଣ କରାଯାଇଛି ।

- ଇରାନ୍ ଆଜି ପ୍ରଥମଥର ପାଇଁ ଇସ୍ରାଏଲ ଉପରେ ସିଧାସଳଖ ସାମରିକ ଆକ୍ରମଣ କରିଛି ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି କୋଲକାତା ନାଇଟ୍ ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ ।

# ଆମ୍ବେଦକର ଜୟନ୍ତୀ

ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଆଜି ୧୩୪ତମ ଜୟନ୍ତୀ। ୧୮୯୧ ମସିହା ଆଜିର ଦିନରେ ଡକ୍ଟର ଆମ୍ବେଦକର ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଦେଶରେ ଲାଗୁ ହୋଇଥିଲା। ଡକ୍ଟର ଆମ୍ବେଦକର ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଥିଲେ। ଦଳିତ ଏବଂ ପଛୁଆବର୍ଗର ଲୋକମାନଙ୍କର ସ୍ୱାର୍ଥରକ୍ଷା ଏବଂ ସ୍ୱାଭିମାନ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଏହି ମହାନ ନେତାଙ୍କର ଦେଶପ୍ରେମ ଏବଂ ପଛୁଆବର୍ଗର ଲୋକମାନଙ୍କର ଉତ୍ଥାନ ପାଇଁ ନେଇଥିବା ବଳିଷ୍ଠ ପଦକ୍ଷେପ ସ୍ୱରୂପ ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଡକ୍ଟର ଆମ୍ବେଦକରଙ୍କର ଜୟନ୍ତୀ ପାଳନ କରାଯାଉଛି।

# ପିଏମ୍-ଟ୍ରିବ୍ୟୁଟ୍ ଆମ୍ବେଦକର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଆଜି ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ସଂସଦରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହି ଅବସରରେ ସେମାନେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ସାମାଜିକ ପରିବର୍ତ୍ତନର କର୍ଣ୍ଣଧାର ତଥା ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ବାବାସାହେବ ଡକ୍ଟର ଆମ୍ବେଦକର ଏକାଧାରରେ ଜଣେ ଆଇନଜୀବୀ, ଶିକ୍ଷାବିତ୍, ଅର୍ଥନୀତିଜ୍ଞ, ସମାଜ

ସଂସ୍କାରକ ଏବଂ ରାଜନୈତିକ ନେତା ଭାବରେ ଦେଶ ଓ ସମାଜ ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଯାଇଛନ୍ତି । ଡକ୍ଟର ଆମ୍ବେଦକରଙ୍କ ଆଦର୍ଶକୁ ଯୁବପିଢ଼ି ଗ୍ରହଣ କରିବା ସହ ଦେଶର ସାମଗ୍ରିକ ବିକାଶ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ତାଙ୍କ ବାର୍ତ୍ତାରେ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶକୁ ଗ୍ରହଣ କରିବା ଏବଂ ଏକ ସମାନ୍ତରାଳ  ସମାଜ ପାଇଁ ତାଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ କାର୍ଯ୍ୟ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ବାର୍ତ୍ତାରେ ଡକ୍ଟର ଆମ୍ବେଦକରଙ୍କ ଦୂରଦୃଷ୍ଟି ଦେଶର ବିକାଶ ପାଇଁ ପ୍ରେରଣା ସାଜିଛି ବୋଲି କହିଛନ୍ତି । ଆଜି ଦେଶରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ମେକ୍ ଇନ୍ ଇଣ୍ଡିଆ, ସ୍ମାର୍ଟ ସିଟି ମିଶନ, ମୁଦ୍ରା ଯୋଜନା, ଷ୍ଟାର୍ଟ-ଅପ୍ ଇଣ୍ଡିଆ ଏବଂ ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ ଭଳି ପଦକ୍ଷେପ ଡକ୍ଟର ଆମ୍ବେଦକରଙ୍କ ସାମଗ୍ରିକ ବିକାଶର ସ୍ୱପ୍ନକୁ ଆଗକୁ ବଢ଼ାଉଛି ଏବଂ ଦେଶର ଯୁବ ଉଦ୍ଭାବକ ଓ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ବିଜେପି ମାନିଫେଷ୍ଟୋ

ଆଗାମୀ ଲୋକସଭା ନିର୍ବାଚନ ପାଇଁ ବିଜେପି ଆଜି ଦଳୀୟ ମୁଖ୍ୟାଳୟରେ 'ସଂକଳ୍ପ ପତ୍ର' ନାମକ ଇସ୍ତାହାର ଜାରି କରିଛି । ଏହି ନିର୍ବାଚନ ଇସ୍ତାହାରରେ ସମାନ ନାଗରିକ ସଂହିତା, 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଏବଂ 'ଏକକ ଭୋଟର ତାଲିକା' ପାଇଁ ଦଳ ପକ୍ଷରୁ ପ୍ରତିଶ୍ରୁତି

ଦିଆଯାଇଛି। ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଦଳର ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ଦଳର ବରିଷ୍ଠ ନେତା ରାଜନାଥ ସିଂହ, ଅମିତ ଶାହା ଏବଂ ନିର୍ମଳା ସୀତାରମଣଙ୍କ ଉପସ୍ଥିତିରେ ଏହି ଇସ୍ତାହାର ଉନ୍ମୋଚନ କରାଯାଇଥିଲା। ସଂକଳ୍ପ ପତ୍ରରେ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା' ଅଧୀନରେ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ମାଗଣା ରାସନ ପ୍ରଦାନ ଜାରି ରଖିବା ଏବଂ ବରିଷ୍ଠ ନାଗରିକଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଆୟୁଷ୍ମାନ ଭାରତ ଯୋଜନାର ସମ୍ପ୍ରସାରଣ କରିବାକୁ ବିଜେପି ପ୍ରତିଶ୍ରୁତି ଦେଇଛି। ସଂକଳ୍ପ ପତ୍ରରେ ୩ କୋଟି ଲକ୍ଷ୍ମୀପତି ଦିଦିଙ୍କୁ କ୍ଷମତାସମ୍ପନ୍ନ କରାଯାଇ ସେମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ବିଜୁଳି ବିଲ୍‌କୁ ଶୂନ୍ୟ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି। ଦେଶକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା ସହ ବିଶ୍ୱ ସ୍ତରୀୟ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବାକୁ ଦଳ ପ୍ରତିଶ୍ରୁତି ଦେଇଛି।

ବିଜେପି ନିର୍ବାଚନୀ ଇସ୍ତାହାରରେ କହିଛି, ଗଗନଯାନ ଉତକ୍ଷେପଣ କରାଯିବ, ଯାହା ଭାରତର ପ୍ରଥମ ମାନବ ମହାକାଶ ଯାତ୍ରା ଅଭିଯାନ ହେବ ଏବଂ ଚନ୍ଦ୍ରରେ ଜଣେ ମହାକାଶଚାରୀଙ୍କୁ ଅବତରଣ କରିବ । ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ପ୍ରତିଷ୍ଠା କରିବା ସହ ଦେଶ ପାଇଁ ଦ୍ୱିତୀୟ ଲଞ୍ଚ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ କରିବାକୁ ଦଳ ପ୍ରତିଶ୍ରୁତି ଦେଇଛି। ଇସ୍ତାହାରରେ ଭାରତକୁ 'ପାଣିପାଗ ପ୍ରସ୍ତୁତ' ଏବଂ 'ଜଳବାୟୁ-ସ୍ମାର୍ଟ' କରିବା ପାଇଁ ମୌସମ ନାମକ ଏକ ଜାତୀୟ ବାୟୁମଣ୍ଡଳୀୟ ମିଶନ ଆରମ୍ଭ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି।

ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ବଜାୟ ରଖିବା ପ୍ରସଙ୍ଗରେ ବିଜେପି ତା'ର 'ସଂକଳ୍ପ ପତ୍ର'ରେ ଅଶାନ୍ତ ଅଞ୍ଚଳର ସମସ୍ୟାର ସମାଧାନ ଏବଂ ପର୍ଯ୍ୟାୟକ୍ରମେ ଆଫ୍‌ସା ହଟାଇବା ପାଇଁ ଦଳ ପ୍ରୟାସ ଜାରି ରଖିବ। ନିରନ୍ତର ପ୍ରୟାସ ମାଧ୍ୟମରେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ତଃରାଜ୍ୟ ସୀମା ବିବାଦର ସମାଧାନ ଦିଗରେ ଅଧିକ କାର୍ଯ୍ୟ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଛି।

## କଂଗ୍ରେସ-ବିଜେପି ମାନିଫେଷ୍ଟୋ

ବିଜେପି ପକ୍ଷରୁ ଆଜି ପ୍ରକାଶିତ ନିର୍ବାଚନୀ ଇସ୍ତାହାରକୁ  କଂଗ୍ରେସ ସମାଲୋଚନା କରିଛି। ଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଦଳର ନେତ୍ରୀ ସୁପ୍ରିୟା ଶ୍ରୀନେତ କହିଛନ୍ତି, ବିଜେପି ଇସ୍ତାହାରରେ ନିଯୁକ୍ତି ସଂକ୍ରାନ୍ତ କୌଣସି ଯୋଜନାକୁ  ଅନ୍ତର୍ଭୁକ୍ତ କରାଯାଇନାହିଁ। କୃଷିକ୍ଷେତ୍ରରେ ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନଗତ ଗ୍ୟାରେଣ୍ଟି ଏବଂ ମୁଦ୍ରାସ୍ଫୀତି ହ୍ରାସ ଭଳି ପ୍ରସଙ୍ଗରେ ବିଜେପି ଇସ୍ତାହାରରେ କୌଣସି ଉଲ୍ଲେଖ କରାଯାଇନଥିବା ଶ୍ରୀମତୀ ଶ୍ରୀନେତ କହିଛନ୍ତି।

## ଡିଆରଡିଓ - ଆଣ୍ଟିଟ୍ୟାଙ୍କ ମିସାଇଲ୍

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ସେନା ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମାନବ ପୋର୍ଟେବଲ ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲ ୱେପନ୍ ସିଷ୍ଟମର ସଫଳ ପରୀକ୍ଷଣ କରାଯାଇଛି। ଗତକାଲି ରାଜସ୍ଥାନର ପୋଖରାନ ଫିଲ୍ଡ ଫାୟାରିଂ ରେଞ୍ଜରେ ଏହି ପରୀକ୍ଷଣ  କରାଯାଇଥିଲା। ଏହି କ୍ଷେପଣାସ୍ତ୍ରର ଆଧୁନିକ ଅସ୍ତ୍ରଶସ୍ତ୍ର-ସୁରକ୍ଷିତ ମୁଖ୍ୟ ଯୁଦ୍ଧ ଟ୍ୟାଙ୍କକୁ ପରାସ୍ତ କରିବାର କ୍ଷମତା ରହିଛି।

ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଭାରତୀୟ ସେନାରେ ଏହି ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ରକୁ ସାମିଲ କରିବା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତ ହେଉଛି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ବ୍ୟବସ୍ଥାର ସଫଳ ପରୀକ୍ଷଣ ପାଇଁ ଡିଆର୍‌ଡିଓ ଏବଂ ଭାରତୀୟ ସେନାକୁ ପ୍ରଶଂସା କରିବା ସହ ଉନ୍ନତ ଜ୍ଞାନକୌଶଳ ଭିତ୍ତିକ ପ୍ରତିରକ୍ଷା ବ୍ୟବସ୍ଥା ବିକାଶରେ ଆତ୍ମନିର୍ଭରଶୀଳତା ହାସଲ ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ।

## ଜେକେ-ଇଲେକସନ୍ ଆପ୍

ଆଗାମୀ ଲୋକସଭା ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଭାରତର ନିର୍ବାଚନ ଆୟୋଗ “Know your candidate ବା KYC) ନାମକ ଏକ ଆପ୍‌ର ପ୍ରଚଳନ କରିଛନ୍ତି । ଆକାଶବାଣୀର ଜାମ୍ମୁ ସମ୍ବାଦଦାତା ପ୍ରକାଶ କରିଛନ୍ତି, ଏହି ଆପ୍ ନାଗରିକମାନଙ୍କୁ ସେମାନଙ୍କର ପ୍ରାର୍ଥୀଙ୍କର ଅପରାଧିକ ଭିତ୍ତିଭୂମି ସମ୍ପର୍କରେ ସ୍ୱଷ୍ଟ ସୂଚନା ଯୋଗାଇପାରିବ । ଏହା ମାଧ୍ୟମରେ କେଉଁ ପ୍ରାର୍ଥୀ ବିଧାନସଭା ବା ଲୋକସଭା ନିମନ୍ତେ ନିର୍ବାଚନ ଲଢୁଛନ୍ତି ସେ ସମ୍ପର୍କରେ ବିସ୍ତୃତ ସୂଚନା ମିଳିପାରିବ । ଏହି ସୁବିଧା ଉଭୟ ଆଣ୍ଡ୍ରଏଡ୍ ଓ ଆଇ.ଓ.ଏସ୍. ଡିଭାଇସ୍ ମାଧ୍ୟମରେ ଉପଲବ୍ଧ ହେବ ।

## ଇରାନ୍ ଆଟାକ୍- ଇସ୍ରାଏଲ ଇଣ୍ଡିଆ

ଇରାନ୍ ଆଜି ପ୍ରଥମଥର ପାଇଁ ଇସ୍ରାଏଲ ଉପରେ ସିଧାସଳଖ ସାମରିକ ଆକ୍ରମଣ କରିଛି । ଆଜି ସକାଳେ ଇରାନର ଶହ ଶହ ଡ୍ରୋନ୍, ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ କ୍ରୁଜ୍ କ୍ଷେପଣାସ୍ତ୍ରକୁ ଇସ୍ରାଏଲ ଉପରେ ମାଡ଼

କରାଯିବା ପରେ ସାରା ଦେଶରେ ଏୟାର ଷ୍ଟ୍ରାଇକ୍ ସାଇରନ୍ ବାଜିଥିଲା। ୧୯୭୯ ଇସଲାମିକ ବିପ୍ଳବ ପରଠାରୁ ଏହା ଇରାନ୍‌ର ପ୍ରଥମ ସିଧାସଳଖ ସାମରିକ ଆକ୍ରମଣ ବୋଲି କୁହାଯାଇଛି।

ଇସ୍ରାଏଲ ସେନାର ମୁଖପାତ୍ର ରିଅର୍ ଆଡମିରାଲ ଡାନିଏଲ ହଗରି କହିଛନ୍ତି, ଇରାନ ବହୁ ସଂଖ୍ୟାରେ ଡ୍ରୋନ୍, କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ଇସ୍ରାଏଲର ଯୁଦ୍ଧ ବିମାନ ଇରାନ୍‌ର ୧୦ରୁ ଅଧିକ କ୍ରୁଜ୍ କ୍ଷେପଣାସ୍ତ୍ରକୁ ବାଧା ଦେବାରେ ସମର୍ଥ ହୋଇଥିଲା। ସେ କହିଛନ୍ତି, ଇସ୍ରାଏଲରେ ଅଳ୍ପ କେତେକ କ୍ଷେପଣାସ୍ତ୍ର ଅବତରଣ କରିବାରେ ସଫଳ ହୋଇଛି। ଦକ୍ଷିଣ ଇସ୍ରାଏଲର ବେଦୁଇନ୍ ଆରବ ସହରରେ ଗୋଟିଏ ଆକ୍ରମଣରେ ଜଣେ ୧୦ ବର୍ଷୀୟା ନାବାଳିକା ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଅନ୍ୟ ଏକ କ୍ଷେପଣାସ୍ତ୍ର ସେନା ଘାଟିରେ ଆକ୍ରମଣ କରି ସାମାନ୍ୟ କ୍ଷୟକ୍ଷତି କରିଥିଲେ ମଧ୍ୟ କୌଣସି ବିଶେଷ ହାନୀ ହୋଇନଥିବା ଜଣାଯାଇଛି।

ଇସ୍ରାଏଲ ସୀମା ଭିତରକୁ ପ୍ରବେଶ କରୁଥିବା ଇରାନ୍‌ର କେତେକ ଡ୍ରୋନକୁ ଆମେରିକା ସେନା ଖସାଇ ଦେଇଛି । ଅନେକ ଦେଶ ଏବଂ ଜାତିସଂଘ ମୁଖ୍ୟ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ଫ୍ରାନ୍ସ କହିଛି, ଇରାନ ସମ୍ଭାବ୍ୟ ସାମରିକ ଉତ୍ତେଜନାର ବିପଦ ସୃଷ୍ଟି କରୁଛି। ବ୍ରିଟେନ ଏହି ଆକ୍ରମଣକୁ ଦାୟିତ୍ୱହୀନ ବୋଲି କହିଥିବାବେଳେ ଜର୍ମାନୀ’ ଏହି ଯୁଦ୍ଧକୁ ବନ୍ଦ କରାଯିବା ଉପରେ ଗୁରୁତ୍ୱାରୋପ କରିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍’ ଇରାନ ଦ୍ୱାରା ଇସ୍ରାଏଲ ଉପରେ ହୋଇଥିବା ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଏହି ଯୁଦ୍ଧକୁ ଏବଂ ଦୁଇ ଦେଶ

ମଧ୍ୟରେ ଶତ୍ରୁତାକୁ ତୁରନ୍ତ ବନ୍ଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଏପ୍ରିଲ ୧ ରେ ସିରିଆରେ ହୋଇଥିବା ଏୟାର ଷ୍ଟ୍ରାଇକ୍‌ରେ ଇରାନର ଦୂତାବାସ ଭବନ ଭିତରେ ଦୁଇ ଜଣ ଇରାନୀ ଜେନେରାଲଙ୍କ ମୃତ୍ୟୁ ହେବା ପରେ ଇରାନ ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତି ଦେଇଥିଲା । ଏହି ଆକ୍ରମଣ ପଛରେ ଇସ୍ରାଏଲର ହାତ ଥିବା ଇରାନ ଅଭିଯୋଗ କରିଛି। ଇସ୍ରାଏଲ ଏ ନେଇ କୌଣସି ମନ୍ତବ୍ୟ ଦେଇନାହିଁ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟର ଆଜିକାର ପ୍ରଥମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ଅନୁଷ୍ଠିତ ହେବ। ଅପରାହ୍ଣ ସାଢ଼େ ୩ଟାରେ କୋଲକାତା ଇଡେନ୍ ଗାର୍ଡେନ୍‌ଠାରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମଧ୍ୟରେ ମ୍ୟାଚ୍ ହେବାକୁ ଥିବାବେଳେ ସଂନ୍ଧ୍ୟା ସାଢ଼େ ୭ଟାରେ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମ୍‌ଠାରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ଆଇପିଏଲ୍ କ୍ରିକେଟର ଗତକାଲି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ପଞ୍ଜାବ କିଙ୍ଗ୍‌ସକୁ ୩ ୱିକେଟ୍‌ରେ ପରାସ୍ତ କରିଥିଲା । ଚଣ୍ଡିଗଡର ମୁଲାନପୁରସ୍ଥିତ ମହାରାଜା ଯାଦବିନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପଞ୍ଜାବକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦

ଓଭରରେ ପଞ୍ଜାବ ୮ ଓ୍ୱିକେଟ୍ ବିନିମୟରେ ୧୪୭ ରନ୍ ସଂଗ୍ରହ କରିଥିଲା । ୧୪୮ ରନ୍‌ର ବିଜୟଲକ୍ଷ୍ୟକୁ ରାଜସ୍ଥାନ ରୟାଲ୍ସ ୧୯ଓଭର ୫ଟି ବଲ୍‌ରେ ୭ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଥିଲା ।